मेजर सिंह

# ମେଜର ସିଂହ

ବନାମ

ରଉନ ସିଂହ (ମୃତ) ଉତ୍ତରାଧିକାରୀମାନଙ୍କ ଦ୍ୱାରା ଏବଂ ଅନ୍ୟମାନେ

ଡିସେମ୍ବର 10,1996

[କେ. ରାମାସ୍ୱାମୀ ଏବଂ ଜି.ଟି. ନାନାବତୀ, ନ୍ୟାୟମୂର୍ତ୍ତିଦ୍ୱୟ]

*ଦେୱାନୀ ପ୍ରକ୍ରିୟା ସଂହିତା, 1908 : ଧାରା 100 ।*

*ଦ୍ୱିତୀୟ ଅପିଲ — ବିଧିଗତ ପ୍ରଶ୍ନ — ହସ୍ତକ୍ଷେପ କରିବା ପାଇଁ ଉଚ୍ଚ ନ୍ୟାୟାଳୟର କ୍ଷମତା ।*

*ଇଚ୍ଛାପତ୍ର — ନିଷ୍ପାଦନ ବିବାଦୀୟ ନାହିଁ — ସାଧାରଣ ପରିସ୍ଥିତିରେ ଇଚ୍ଛାପତ୍ର କାର୍ଯ୍ୟକାରୀ ହୋଇଛି କି ନାହିଁ ପ୍ରଶ୍ନରେ ଅଛି — ଇଚ୍ଛାପତ୍ର ଆଧାରରେ ଘୋଷଣା ପାଇଁ ଉତ୍ତରଦାତା ଦ୍ୱାରା ମକଦ୍ଦମା ଦାଖଲ — ବିଚାର କରୁଥିବା ନ୍ୟାୟାଳୟ ଦ୍ୱାରା ମକଦ୍ଦମା ଖାରଜ — ପ୍ରଥମ ଅପିଲ ନ୍ୟାୟାଳୟ ଦ୍ୱାରା ନିଶ୍ଚିତକରଣ — ବିଚାର କରୁଥିବା ନ୍ୟାୟାଳୟ ଏବଂ ପ୍ରଥମ ଅପିଲ ନ୍ୟାୟାଳୟଙ୍କ ଦ୍ୱାରା ଦୁଇଟି ସନ୍ଦେହଜନକ ପରିସ୍ଥିତି ଉପରେ ନିର୍ଭର — ପ୍ରଥମ, ପ୍ରାରମ୍ଭିକ ସମୟରେ ଇଚ୍ଛାପତ୍ର ଉପସ୍ଥାପନା ହୋଇନଥିଲା — ଦ୍ୱିତୀୟ, ପ୍ରମାଣକର୍ତ୍ତାମାନଙ୍କ ପ୍ରମାଣ ବିଶ୍ୱସନୀୟ ନଥିଲା — ଦ୍ୱିତୀୟ ଅପିଲରେ ଉଚ୍ଚ ନ୍ୟାୟାଳୟ କହିଛନ୍ତି ଯେ ପ୍ରମାଣକର୍ତ୍ତା-ସାକ୍ଷୀମାନଙ୍କ ପ୍ରାମାଣିକ ସାକ୍ଷ୍ୟ ପ୍ରତ୍ୟାଖ୍ୟାନ ସଠିକ ନୁହେଁ — ସର୍ବୋଚ୍ଚ ନ୍ୟାୟାଳୟଙ୍କ ସମ୍ମୁଖରେ ଅପିଲ — ଦର୍ଶାଯାଇଛି — ଯେତେବେଳେ ନିମ୍ନରେ ଥିବା ନ୍ୟାୟାଳୟମାନେ ପ୍ରବର୍ତ୍ତକ ନିଜ କର୍ତ୍ତବ୍ୟକୁ ସଠିକ ଭାବରେ ସମ୍ପାଦନ କରିନଥିବା ଦର୍ଶାଇ ପ୍ରମାଣକୁ ଅଗ୍ରାହ୍ୟ କରିଦେଇଥିଲେ, ସେତେବେଳେ ଉଚ୍ଚ ନ୍ୟାୟାଳୟର କର୍ତ୍ତବ୍ୟ ହେଉଛି ନିମ୍ନରେ ଥିବା ନ୍ୟାୟାଳୟଙ୍କ ଦ୍ୱାରା ଦିଆଯାଇଥିବା କାରଣଗୁଡ଼ିକ ଆଇନଗତ ଭାବେ ପୋଷଣୀୟ  କି ନୁହେଁ ତାହା ବିଚାର କରିବା — ଉଚ୍ଚ ନ୍ୟାୟାଳୟ ସଠିକ ଭାବରେ ଜାଣିବାକୁ ପାଇଛନ୍ତି ଯେ ନିମ୍ନରେ ଥିବା ନ୍ୟାୟାଳୟ ଦ୍ୱାରା ଦିଆଯାଇଥିବା କାରଣଗୁଡିକ ଦୁର୍ବଳ ଥିଲା — ତେଣୁ, ଆଇନର ଏକ ଗୁରୁତ୍ୱପୂର୍ଣ୍ଣ ପ୍ରଶ୍ନ ବିଚାର ପାଇଁ ଉଠିଥିଲା ଏବଂ ଉଚ୍ଚ ନ୍ୟାୟାଳୟ ଏହି ପ୍ରଶ୍ନକୁ ସଠିକ ଭାବରେ ବିଚାର କରିଛନ୍ତି ।*

ଦେୱାନୀ ଅପିଲ ଅଧିକାରିତା : ଦେୱାନୀ ଅପିଲ ସଂଖ୍ୟା 718/1986 ।

ମେଜର ସିଂହ ବନାମ ରତ୍ତନ ସିଂହ

ଆର୍.ଏସ୍.ଏ. ସଂଖ୍ୟା 2830/1980ରେ ପଞ୍ଜାବ ଏବଂ ହରିୟାଣା ଉଚ୍ଚ ନ୍ୟାୟାଳୟର 11.7.85 ର ରାୟ ଏବଂ ଆଦେଶରୁ ।

ଅପିଲକାରୀଙ୍କ ପାଇଁ ଏମ୍.ଏଲ୍. ବର୍ମା, ସିରାଜ ବଗ୍ଗା ଏବଂ ସୁଶ୍ରୀ ଏସ୍. ବଗ୍ଗା ।

ଉତ୍ତରଦାତାମାନଙ୍କ ପାଇଁ, ଉଜ୍ଜାଗର ସିଂହ, ଏ.କେ. ସାଙ୍ଘୀ ଏବଂ ଜେ.ଏମ୍. ଖନ୍ନା ।

ନ୍ୟାୟାଳୟର ନିମ୍ନଲିଖିତ ଆଦେଶ ପ୍ରଦାନ କରାଯାଇଥିଲା :

ସ୍ୱତନ୍ତ୍ର ଅନୁମତି ଦ୍ୱାରା ଏହି ଅପିଲ ପଞ୍ଜାବ ଏବଂ ହରିୟାଣା ଉଚ୍ଚ ନ୍ୟାୟାଳୟ, ଚଣ୍ଡିଗଡ଼ର ବିଜ୍ଞ ଏକକ ବିଚାରପତିଙ୍କ ରାୟରୁ ଉତ୍ପନ୍ନ ହୋଇଛି, ଯାହା ଜୁଲାଇ 11,1985 ରେ ଏସ୍.ଏ ସଂଖ୍ୟା 2830/80 ରେ କରାଯାଇଥିଲା ।

ସ୍ୱୀକାର କରାଯାଇଥିବା ତଥ୍ୟ ହେଉଛି ଯେ ଉତ୍ତରଦାତାମାନେ ରତ୍ତନ ସିଂହ ଏବଂ ଦୌଲତ ସିଂହ ଭାଇ ଥିଲେ । ଦୌଲତ ସିଂହ ଜାନୁଆରୀ 11, 1974ରେ ପୂର୍ବତନ ପିଏଙ୍କ ଅଧୀନରେ ଏକ ଇଚ୍ଛାପତ୍ର ନିଷ୍ପାଦନ କରିଥିଲେ ଏବଂ ତାଙ୍କ ସମ୍ପତ୍ତି ରତ୍ତନ ସିଂହଙ୍କୁ ଦାନ କରିଥିଲେ, ଯିଏ ଜାନୁଆରୀ 19, 1974ରେ ମୃତ୍ୟୁବରଣ କରିଥିଲେ । ଏହା ଜଣାପଡୁଛି ଯେ ଅପିଲକାରୀ ହେଉଛନ୍ତି ତାଙ୍କ ଭଉଣୀ ଦୟାଲ କୌରଙ୍କ ପୂର୍ବପୁରୁଷ, ରତ୍ତନ ସିଂହ ଏବଂ ଦୌଲତ ସିଂହଙ୍କର ତିନି ଭଉଣୀ ଅଛନ୍ତି, ସେମାନଙ୍କ ନାମ ରାଲ୍ଲୋ, ଦୟାଲ କୌର ଏବଂ ଇନ୍ଦର କୌର ଅଟେ । ଦାଖଲ ଖାରଜ ପ୍ରକ୍ରିୟାରେ ଦୟାଲ କୌର ପ୍ରତ୍ୟେକ ଭଉଣୀଙ୍କୁ ସମ୍ପତ୍ତିର ଏକ ତୃତୀୟାଂଶ ଅଂଶ ପର୍ଯ୍ୟନ୍ତ ଦାଖଲ ଖାରଜ ପ୍ରଦାନ କରିଥିଲେ । ପରବର୍ତ୍ତୀ ସମୟରେ, ଉକ୍ତ ଇଚ୍ଛାପତ୍ର ଆଧାରରେ ଉତ୍ତରଦାତାମାନେ ଘୋଷଣା ପାଇଁ ଏକ ମକଦ୍ଦମା ଦାୟର କରିଥିଲେ । ବିଚାର କରୁଥିବା ନ୍ୟାୟାଳୟ ଏହି ମକଦ୍ଦମାକୁ ଖାରଜ କରିଦେଇଥିଲେ । ଅପିଲରେ ଏହା ନିଶ୍ଚିତ ହୋଇଥିଲା । ଯେପରି ପୂର୍ବରୁ କୁହାଯାଇଛି, ଦ୍ୱିତୀୟ ଅପିଲରେ ଉଚ୍ଚ ନ୍ୟାୟାଳୟ ଅପିଲକୁ ମଞ୍ଜୁର କରିଥିଲେ ଏବଂ ପ୍ରାର୍ଥନା ଅନୁଯାୟୀ ମକଦ୍ଦମାର ଫଏସଲା  କରିଥିଲେ । ତେଣୁ ସ୍ୱତନ୍ତ୍ର ଅନୁମତି ଦ୍ୱାରା ଏହି ଅପିଲ ।

ଅପିଲକାରୀଙ୍କ ପାଇଁ ବିଜ୍ଞ ଅଧିବକ୍ତା ଯୁକ୍ତି କରିଛନ୍ତି ଯେ ଉଚ୍ଚ ନ୍ୟାୟାଳୟ, ସିପିସିର ଧାରା 100, ଅନୁଯାୟୀ ହସ୍ତକ୍ଷେପ କରିପାରିବେ ନାହିଁ କାରଣ ଇଚ୍ଛାପତ୍ରର *ସନ୍ଦେହଜନକ ବୈଶିଷ୍ଟ୍ୟଗୁଡ଼ିକ* ହେଉଛି ତଥ୍ୟର ପ୍ରଶ୍ନ । ବିଚାର କରୁଥିବା ନ୍ୟାୟାଳୟ ଏବଂ ଅପିଲ ନ୍ୟାୟାଳୟ ସନ୍ଦେହଜନକ

ବୈଶିଷ୍ଟ୍ୟକୁ ବିଚାର କରିଥିଲେ ଏବଂ ହସ୍ତକ୍ଷେପ କରିବାକୁ ଇଚ୍ଛୁକ ନଥିଲେ । ନ୍ୟାୟାଳୟର ବିବେକକୁ ସନ୍ତୁଷ୍ଟ କରୁଥିବା ଭଳି ସମସ୍ତ ସନ୍ଦେହଜନକ ବୈଶିଷ୍ଟ୍ୟକୁ ହଟାଇ ଇଚ୍ଛାପତ୍ର ବୈଧ ଭାବରେ କାର୍ଯ୍ୟକାରୀ ହୋଇଛି ବୋଲି ସ୍ଥାପିତ କରିବା ଇଚ୍ଛାପତ୍ରର ପ୍ରବର୍ତ୍ତକଙ୍କ କର୍ତ୍ତବ୍ୟ ଅଟେ । ସେହି ପରିପ୍ରେକ୍ଷିରେ, ଉଚ୍ଚ ନ୍ୟାୟାଳୟ ଦ୍ୱିତୀୟ ଅପିଲରେ ହସ୍ତକ୍ଷେପ କରିବାର କୌଣସି ଯଥାର୍ଥତା ନଥିଲା, କାରଣ ସିପିସିର ଧାରା 100 ଅନୁଯାୟୀ କୌଣସି ଗୁରୁତ୍ୱପୂର୍ଣ୍ଣ ବିଧିଗତ ପ୍ରଶ୍ନ ନଥିଲା । ଏହା ଦେଖାଯାଏ ଯେ ଏହା ଏକ ସ୍ୱୀକୃତ ସ୍ଥିତି ଯେ ରତନ ସିଂ, ତାଙ୍କ ଭାଇ ଅସୁସ୍ଥ ଥିବା ଜାଣିବା ପରେ, ତାଙ୍କୁ ଦେଖିବାକୁ କଲିକତାରୁ ଯାଇଥିଲେ । ତାଙ୍କ ଆଗମନ ପରେ, ଇଚ୍ଛାପତ୍ରଟି ନିଷ୍ପାଦନ ହେଲା ଏବଂ ଇଚ୍ଛାପତ୍ରର ନିଷ୍ପାଦନତା ମଧ୍ୟ ବିବାଦୀୟ ନଥିଲା । ଏକମାତ୍ର ପ୍ରଶ୍ନ ହେଉଛି : ସାଧାରଣ ପରିସ୍ଥିତିରେ ଇଚ୍ଛାପତ୍ର ନିଷ୍ପାଦନ ହେଲା କି? ନିମ୍ନରେ ଥିବା ଅଦାଲତଗୁଡିକ ଦୁଇଟି ସନ୍ଦେହଜନକ ବୈଶିଷ୍ଟ୍ୟ ଉପରେ ଅତ୍ୟଧିକ ନିର୍ଭର କରିଥିଲେ, ଯଥା, ଇଚ୍ଛାପତ୍ର ପ୍ରାରମ୍ଭିକ ସମୟରେ ଉପସ୍ଥାପିତ ହୋଇନଥିଲା, ଏହା ବିଚାରର କିଛି ସମୟ ପୂର୍ବରୁ ଉପସ୍ଥାପିତ ହୋଇଥିଲା । ଦ୍ୱିତୀୟତଃ, ପ୍ରମାଣକାରୀମାନେ ଦୁଇଟି ଆଧାରରେ ଅବିଶ୍ୱାସୀ ଥିଲେ, ନାମତଃ, ଯେ ପ୍ରମାଣକାରୀଙ୍କ ମଧ୍ୟରୁ ଜଣେ ହରି ସିଂ ପ୍ରକାଶ କରିନଥିଲେ ଯେ ତାଙ୍କ ଉପସ୍ଥିତିରେ ଦାଖଲ ଖାରଜ ସଂପନ୍ନ ହେବା ସମୟରେ ଇଚ୍ଛାପତ୍ର ନିଷ୍ପାଦନ ହୋଇନଥିଲା । ଉଚ୍ଚ ନ୍ୟାୟାଳୟ ସ୍ପଷ୍ଟ କରିଛନ୍ତି ଯେ ଦାଖଲ ଖାରଜ ସଠିକ ଭାବରେ ପ୍ରମାଣିତ ହୋଇନାହିଁ ଏବଂ ଏହି ତଥ୍ୟକୁ ଅବିଶ୍ୱାସ କରିବାର କୌଣସି କାରଣ ନାହିଁ । ଉଚ୍ଚ ନ୍ୟାୟାଳୟ ପ୍ରଥମେ ବିଚାର କରୁଥିବା ନ୍ୟାୟାଳୟରେ ଉପସ୍ଥାପିତ ଇଚ୍ଛାପତ୍ରର ମୂଳ ଏବଂ ଫଟୋକପିକୁ ଅନୁଧ୍ୟାନ କରିଥିଲେ । ଉଚ୍ଚ ନ୍ୟାୟାଳୟ ଜାଣିବାକୁ ପାଇଛନ୍ତି ଯେ ମୂଳ ଇଚ୍ଛାପତ୍ରରେ କୌଣସି ଅନ୍ତଃପ୍ରବେଶ ନାହିଁ । ତେଣୁ ପ୍ରମାଣକର୍ତ୍ତା ହରି ସିଂହଙ୍କ ପ୍ରମାଣକୁ ପ୍ରତ୍ୟାଖ୍ୟାନ କରିବା ଠିକ ନୁହେଁ ବୋଲି ଜଣାପଡ଼ିଥିଲା । ଗୁରୁଦେବ ସିଂ ନାମକ ଅନ୍ୟ ପ୍ରମାଣକର୍ତ୍ତା-ସାକ୍ଷୀମାନଙ୍କ ବିଷୟରେ, ଏହା ଅବିଶ୍ୱାସ କରାଯାଉଥିଲା ଯେ ସେ ଜିତ ସିଂଙ୍କ ବିରୋଧରେ ଏକ ମାମଲାରେ ମକଦ୍ଦମା ଦାୟର କରିଥିଲେ । ପ୍ରମାଣକର୍ତ୍ତାଙ୍କ ପ୍ରମାଣକୁ ଅବିଶ୍ୱାସ କରିବାର ଏହା କୌଣସି ଆଧାର ନଥିଲା । ଏହି ପରିସ୍ଥିତିରେ, ଯେତେବେଳେ ନିମ୍ନରେ ଥିବା ନ୍ୟାୟାଳୟମାନେ ଏହି ଆଧାରରେ ପ୍ରମାଣକୁ ପ୍ରତ୍ୟାଖ୍ୟାନ କରିଥିଲେ ଏବଂ ଅବିଶ୍ୱାସ କରିଥିଲେ ଯେ ପ୍ରବର୍ତ୍ତକ ତାଙ୍କ କର୍ତ୍ତବ୍ୟ ସଠିକ ଭାବରେ ନିର୍ବାହ କରିନାହାଁନ୍ତି, ନିମ୍ନରେ ଥିବା ନ୍ୟାୟାଳୟ ଦ୍ୱାରା ଦିଆଯାଇଥିବା କାରଣ ଆଇନରେ ପୋଷଣୀୟ କି ନାହିଁ ତାହା ବିଚାର କରିବା ଉଚ୍ଚ ନ୍ୟାୟାଳୟର କର୍ତ୍ତବ୍ୟ ଅଟେ । ଅପିଲ ନ୍ୟାୟାଳୟ ଦ୍ୱାରା ପ୍ରମାଣିତ ହୋଇଥିବା ବିଚାର କରୁଥିବା ନ୍ୟାୟାଳୟର ଉପରୋକ୍ତ ଯୁକ୍ତିକୁ ଦୃଷ୍ଟିରେ ରଖି, କାରଣଗୁଡ଼ିକୁ ପରୀକ୍ଷା

କରିବା ପାଇଁ ଉଚ୍ଚ ନ୍ୟାୟାଳୟ ନିଶ୍ଚିତ ଭାବରେ ସେହି ପ୍ରଶ୍ନକୁ ଯିବା ଆବଶ୍ୟକ କରେ । ଏହି ଦୃଷ୍ଟିକୋଣରୁ, ଉଚ୍ଚ ନ୍ୟାୟାଳୟ ଯଥାର୍ଥ ଭାବରେ ସେହି ପ୍ରଶ୍ନକୁ ଅନୁଧ୍ୟାନ କରି ଜାଣିବାକୁ ପାଇଛନ୍ତି ଯେ ନିମ୍ନରେ ଥିବା ନ୍ୟାୟାଳୟଗୁଡ଼ିକ ଦ୍ୱାରା ଦିଆଯାଇଥିବା କାରଣଗୁଡ଼ିକ ଦୁର୍ବଳ ଅଟେ । ତେଣୁ ବିଚାର ପାଇଁ ବିଧିଗତ ପ୍ରଶ୍ନ ଉଠିଛି ଏବଂ ଉଚ୍ଚ ନ୍ୟାୟାଳୟ ଏହି ପ୍ରଶ୍ନକୁ ସଠିକ ଭାବରେ ବିଚାର କରିଛନ୍ତି । ଆମେ ଉଚ୍ଚ ନ୍ୟାୟାଳୟଙ୍କ ସହ ସମ୍ପୂର୍ଣ୍ଣ ସହମତ ।

ଏହି ଅପିଲ ଖାରଜ ହୋଇଛି । କୌଣସି ଖର୍ଚ୍ଚ ନାହିଁ ।

ଟି.ଏନ୍.ଏ. ଅପିଲ ଖାରଜ ହେଲା ।

**ଅସ୍ୱୀକରଣ**

"ଉପଭାଷାରେ ଅନୁବାଦିତ ରାୟ କେବଳ ମକଦ୍ଦମାରେ ପକ୍ଷଭୁକ୍ତ ବ୍ୟକ୍ତିଙ୍କର ସୀମିତ ବ୍ୟବହାର ଏବଂ ତାଙ୍କ ଆଞ୍ଚଳିକ ଭାଷାରେ ବୋଧଗମ୍ୟ ହେବା ନିମନ୍ତେ ଉଦ୍ଦିଷ୍ଟ ଏବଂ ଅନ୍ୟ କୌଣସି ଉଦ୍ଦେଶ୍ୟ ନିମନ୍ତେ ଏହା ବ୍ୟବହାର କରାଯାଇନପାରେ । ସମସ୍ତ ବ୍ୟବହାରିକ ଏବଂ ସରକାରୀ ଉଦ୍ଦେଶ୍ୟ ନିମନ୍ତେ ରାୟର ଇଂରାଜୀ ସଂସ୍କରଣଟି ପ୍ରାମାଣିକ ବିବେଚିତ ହେବ ଏବଂ ସମସ୍ତ କାର୍ଯ୍ୟାନ୍ୱୟନ ଏବଂ ନିଷ୍ପାଦନ ନିମନ୍ତେ ଏହା ଉପଯୁକ୍ତ ବିବେଚିତ ହେବ।"

**ଅନୁବାଦକ**

କଲ୍ୟାଣକର ସାହୁ

ଓଡ଼ିଶା ଉଚ୍ଚ ନ୍ୟାୟାଳୟ